## ସଂକ୍ଷେପରେ

### ବିଦ୍ୟୁତ୍ ଆଘାତରେ ମହିଳାଙ୍କ ମୃତ୍ୟୁ

ଭଞ୍ଜନଗର,୨୪।୩(ବାବୁଲା ପ୍ରଧାନ): ଭଞ୍ଜନଗର ଥାନା ଅନ୍ତର୍ଗତ ନବଗୋଛା ଗ୍ରାମରେ ମଙ୍ଗଳବାର ଜଣେ ମହିଳାଙ୍କ ବିଦ୍ୟୁତ୍ ଆଘାତରେ ମୃତ୍ୟୁ ଘଟିଛି। ସେ ହେଲେ କଳାବତୀ ଦିଗାଲ (୫୮)। ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଭଞ୍ଜନଗର ହସ୍ପିଟାଲ ପଠାଇ ଦେଇଛି। କଳାବତୀଙ୍କ ଅଗଣାରେ ବନ୍ଧା ଯାଇଥିବା ତାରରେ ଓଦା ଲୁଗା ଶୁଖାଉଥିବା ବେଳେ କୌଣସି ପ୍ରକାରେ ଉକ୍ତ ତାରରେ ବିଦ୍ୟୁତ୍ ଚାର୍ଜ ହେଉ ଥିବାରୁ ସେଥିରେ ଲାଗି ସେ ଗୁରୁତର ହୋଇପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ଚିକିତ୍ସା ପାଇଁ ଭଞ୍ଜନଗର ହସ୍ପିଟାଲ ଆଣିଥିଲେ ମଧ ଡାକ୍ତର ମୃତ ଘୋଷଣା କରିଥିଲେ।

### ବୁଲେଟ ଦୁର୍ଘଟଣାରେ ଚାଳକ ମୃତ

ପାରଳାଖେମୁଣ୍ଡି,୨୪।୩
(ଗିରିଧାରୀ ପରିଛା)

ଗୋସାଣୀ ବ୍ଲକ ହୋଇ ଯାଇଥିବା ଜାତୀୟ ରାଜପଥ ନଂ.୩୨୬-ଏର ଆର୍.ସୀତାପୁର ଗ୍ରାମ ନିକଟସ୍ଥ ବୁଲାଣି ରାସ୍ତାରେ ସୋମବାର ରାତିରେ ଏକ ବୁଲେଟ ଦୁର୍ଘଟଣାଗ୍ରସ୍ତ ହୋଇ ଚାଳକଙ୍କ ମୃତ୍ୟୁ ଘଟିଛି ।ଜଣେ ସାଙ୍ଗଙ୍କ ଦେହ ଖରାପ ହୋଇଥିବାରୁ ମଣ୍ଟୁ ତାଙ୍କୁ ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇ ରାତି ପ୍ରାୟ ୧୦ଟାରେ ନିଜ ବୁଲେଟ (ନଂ. ଓଡି ୨୦ ସି ୪୫୧୯)ରେ ଗାଁକୁ ଫେରୁଥିଲେ। ଆର୍. ସୀତାପୁର ଗ୍ରାମ ନିକଟ ବୁଲାଣି ରାସ୍ତାରେ କୌଣସି କାରଣରୁ ତାଙ୍କ ବୁଲେଟ୍ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିବା ବେଳେ ଗୁରାଣ୍ଡି ପୋଲିସ ପହଞ୍ଚି ମୃତଦେହ ଜବତ କରି ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରାଇଥିଲା।

### ବିଶ୍ୱ ଯକ୍ଷ୍ମା ଦିବସ ପାଳିତ

ଛତ୍ରପୁର,୨୪।୩(ଦିଲୀପ ସାମଲ): ମୁନିସିପେଣ୍ଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ବିଶ୍ୱ ଯକ୍ଷ୍ମା ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ରୂପେ ଛତ୍ରପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ସମ୍ବିତ୍ ସଂଗ୍ରାମଜିତ୍ ସାହୁ, ବ୍ଲକ ଉପାଧକ୍ଷା ଏସ. ସାରଦା ରେଡ୍ଡୀ, ପୋଟଲାମପୁର ସରପଞ୍ଚ ନିରଞ୍ଜନ ପ୍ରଧାନ, ସମିତି ସଭ୍ୟ ଶମ୍ଭୁନାଥ ସ୍ୱାଇଁ, ରିଲାଏନ୍ସ ଫାଉଣ୍ଡେସନ ଅଧୀକ୍ଷକ ମୋଚିରାମ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ମୁନିସିପେଣ୍ଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକ ସ୍ୱାଧୀନ ରଥଙ୍କ ପୌରାହିତ୍ୟରେ ପିଏଚଇଓ ବରୁଣ କୁମାର ପାଣିଗ୍ରାହୀ, ବ୍ଲକ ଯକ୍ଷ୍ମା ନିରୀକ୍ଷକ ପ୍ରଭାତ କୁମାର ସାହୁଙ୍କ ସମେତ ସମସ୍ତ ସିଏଚଓ, ସ୍ୱାସ୍ଥ୍ୟକର୍ମୀ ଏବଂ ଆଶାକର୍ମୀଙ୍କ ସହଯୋଗରେ କାର୍ଯକ୍ରମ ହୋଇଥିଲା। ପିଏମଶ୍ରୀ ଉଚ୍ଚ ବିଦ୍ୟାଳୟ, ଗଙ୍ଗାପୁରରେ ଯକ୍ଷ୍ମା ସଚେତନ କାର୍ଯ୍ୟକ୍ରମ କରାଯାଇ ୩ ପିଲାଙ୍କୁ ପୁରସ୍କୃତ କରାଯାଇଥିଲା । ଯକ୍ଷ୍ମା ରୋଗୀ ମାନଙ୍କୁ ନିକ୍ଷୟ ମିତ୍ର ଯୋଜନା ମଧ୍ୟମରେ ଖାଦ୍ୟ ପ୍ରଦାନ କରାଯାଇଥିଲା ।

### ଜନଗଣନା ପ୍ରଶିକ୍ଷଣ ଶିବିର

ଚକାପାଦ,୨୪।୩
(ପ୍ରତାପ କିଶୋର ବେହେରା)

ଚକାପାଦ ବ୍ଲକ୍ ପସରା ଉଚ୍ଚ ବିଦ୍ୟାଳୟରେ ପ୍ରଥମ ପର୍ଯ୍ୟାୟରେ ୧୦୪ ଜଣ ଶିକ୍ଷକଙ୍କୁ ଜନଗଣନାର ସବିଶେଷ ତଥ୍ୟ ପ୍ରଶିକ୍ଷଣ ପୂର୍ବରୁ ଚାର୍ଜ ସେନ୍ସସ ଅଧିକାରୀ ତହସିଲଦାର ରାକେଶ ପ୍ରଧାନ ତାଲିମ ଦେଇଥିଲେ। ୨୪, ୨୫, ୨୬ ତିନିଦିନ ଏହି ପ୍ରଶିକ୍ଷଣ ଅନୁଷ୍ଠିତ ହେବ। ଜନଗଣନା ପାଇଁ ଉଚ୍ଚ ବିଦ୍ୟାଳୟର ୧୬ ଜଣ ଶିକ୍ଷକଙ୍କୁ ନିଯୁକ୍ତି କରାଯାଇଛି। ପ୍ରଥମ ଦିନରେ ଜନଗଣନା ଦ୍ୱିତୀୟ ଦିନରେ ଘର ସର୍ଭେ ଓ ତୃତୀୟ ଦିନରେ ପସରା ଗ୍ରାମକୁ ଯାଇ ଥିଓରି ଓ ପ୍ରାକ୍ଟିକାଲ କରାଯିବ ବୋଲି ତହସିଲଦାର କହିଛନ୍ତି। ଜନଗଣନାକାରୀ ଘର ଘର ବୁଲି ଗଣନା କରିବେ। ସେମାନେ ବୟସ, ଲିଙ୍ଗ, ଶିକ୍ଷା, ସାକ୍ଷରତା, ଧର୍ମ, ଭାଷା, ବୈବାହିକ ସ୍ଥିତି ଏପରି ୩୪ ଟି ପ୍ରଶ୍ନ ପଚାରି ଡାଟାବେସକୁ ପୂରଣ କରିପାରିବେ। ପ୍ରଶାସନ ପକ୍ଷରୁ ଜନଗଣନାକାରୀ ଶିକ୍ଷକମାନଙ୍କୁ ଏକ ସ୍ୱତନ୍ତ୍ର ପରିଚୟ ପତ୍ର ପ୍ରଦାନ କରାଯିବ। ଜନଗଣନାକାରୀଙ୍କୁ ତାଲିମ ପ୍ରଦାନ ପାଇଁ ଫୁଲବାଣୀ ସ୍ୱୟଂଶାସିତ ମହାବିଦ୍ୟାଳୟରୁ ଅଧ୍ୟାପକ ଡ.ଗିରିଜା ପ୍ରସାଦ ଦାସ, ସରକାରୀ ଧନ୍ଦାମୂଳକ ଉଚ୍ଚ ବିଦ୍ୟାଳୟ ଫୁଲବାଣୀ ସଂଗ୍ରାମ କେଶରୀ ନାୟକ, ସରକାରୀ ଉଚ୍ଚ ବିଦ୍ୟାଳୟ ଫୁଲବାଣୀ ସତ୍ୟ ନାରାୟଣ ମେଣ୍ଡୁଲି, ସଂଜୟସ୍ମୃତି ମହିଳା ମହାବିଦ୍ୟାଳୟର ଅଧ୍ୟାପକ ସୌମ୍ୟରଞ୍ଜନ ପ୍ରଧାନ, ସରକାରୀ ବୈଷୟିକ ଶିକ୍ଷାନୁଷ୍ଠାନ ଫୁଲବାଣୀର ବରିଷ୍ଠ ଅଧ୍ୟାପକ ଗୌରାଙ୍ଗ ଚରଣ ପ୍ରଧାନ, ନିରାକାର ବାଗ ମାଷ୍ଟର ଟ୍ରେନର ରୂପେ ତାଲିମ ଦେଇଥିଲେ।

# ଗଞ୍ଜାମରେ ବଢୁଛି ମୟୂରଙ୍କ ସଂଖ୍ୟା

## ଅଭୟାରଣ୍ୟ ହେଲେ ମିଳିବ ନୂଆ ପରିଚୟ



ଗଞ୍ଜାମ,୨୪।୩ (ଅନାଥ ତରାଇ)

ମୟୂରଙ୍କ ସଂରକ୍ଷଣ ପାଇଁ ଏବେ ଗଞ୍ଜାମ ଜିଲାରେ ସ୍ୱର ଶାଣିତ ହେବାରେ ଲାଗିଛି। ଜିଲାରେ ମୟୂରଙ୍କ ସଂଖ୍ୟା କ୍ରମାଗତ ଭାବେ ବୃଦ୍ଧି ପାଉଥିବା ବେଳେ ସେମାନଙ୍କ ପାଇଁ ଏକ ସ୍ୱତନ୍ତ୍ର 'ଜାତୀୟ ପକ୍ଷୀ ଅଭୟାରଣ୍ୟ' ପ୍ରତିଷ୍ଠା କରିବାକୁ ସ୍ଥାନୀୟ ବାସିନ୍ଦା ଓ ପରିବେଶବିତ୍ମାନେ ଦାବି କରିଛନ୍ତି। ବିଶେଷ କରି ମୟୂରଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ସୁରକ୍ଷିତ ପରିବେଶରେ ରହିବାର ନିତ୍ୟାନ୍ତ ଆବଶ୍ୟକ ରହିଛି। ଆଜିକାଲି ଗଞ୍ଜାମ ଜିଲାର ବିଭିନ୍ନ ପ୍ରାନ୍ତରେ ମୟୂର ଓ ମୟୂରୀମାନଙ୍କୁ ସାଧାରଣତଃ ଜନବସତି ଆଖପାଖରେ ବୁଲୁଥିବାର ଦେଖିବାକୁ ମିଳୁଛି। ବ୍ରହ୍ମପୁର ବନଖଣ୍ଡ ଅନ୍ତର୍ଗତ ଖଲିକୋଟ ରେଞ୍ଜର ଗଞ୍ଜାମ, ବେଗୁନିଆପଡ଼ା ଏବଂ ପୁରୁଷୋତ୍ତମପୁର ଜଙ୍ଗଲ ଅଞ୍ଚଳରେ ସର୍ବାଧିକ ସଂଖ୍ୟକ ମୟୂର ଅଛନ୍ତି। ହେଲେ ସରକାରୀସ୍ତରରେ ଏହି ପକ୍ଷୀଙ୍କ ସଂଖ୍ୟାକୁ ନେଇ କୌଣସି ସଠିକ ତଥ୍ୟ ମିଳିନାହିଁ। ସରକାର ନିୟମିତ ଭାବେ ବିଦେଶୀ ପକ୍ଷୀ, କୃଷ୍ଣସାର ମୃଗ, ଡଲଫିନ, ବାଘ ଏବଂ ଅଲିଭ ରିଡଲେ କଇଁଛଙ୍କ ଗଣନା କରୁଥିବା ବେଳେ ମୟୂରଙ୍କ ପାଇଁ ଏହି ପ୍ରକ୍ରିୟା କାର୍ଯ୍ୟକାରୀ ହୋଇନାହିଁ। ସୁରକ୍ଷିତ ଆଶ୍ରୟସ୍ଥଳୀ ଅଭାବରୁ ଏହି ପକ୍ଷୀମାନେ ଅନେକ ସମୟରେ ବିପଦର ସମ୍ମୁଖୀନ ହେଉଛନ୍ତି। ଖୋଲା ଚାଷ ଜମିରେ ବୁଲୁଥିବାରୁ ଶିକାରୀଙ୍କ ନଜର ଏମାନଙ୍କ ଉପରେ ରହୁଛି।

ସୂଚନାଯୋଗ୍ୟ ଯେ, ଭାରତୀୟ ବନ୍ୟପ୍ରାଣୀ (ସଂରକ୍ଷଣ) ଆଇନ, ୧୯୭୨ ଅନୁଯାୟୀ ମୟୂର ଶିକାର ବା ସେମାନଙ୍କୁ କ୍ଷତି ପହଞ୍ଚାଇବା ଏକ ସଙ୍ଗୀନ ଅପରାଧ। ଯେଉଁଥିପାଇଁ ୩ରୁ ୭ ବର୍ଷ ପର୍ଯ୍ୟନ୍ତ ଜେଲ ଦଣ୍ଡ ସହ ଜରିମାନାର ବ୍ୟବସ୍ଥା ରହିଛି। ଖଲିକୋଟ ଏସିଏଫ୍ ଦିବ୍ୟ ରଞ୍ଜନ ବେହେରା କହିଛନ୍ତି ଯେ, ମୟୂରଙ୍କ ସଂଖ୍ୟାରେ ଉଲ୍ଲେଖନୀୟ ବୃଦ୍ଧି ପରିଲକ୍ଷିତ ହେଉଥିବାରୁ ଏମାନଙ୍କ ସଂରକ୍ଷଣ ଏବଂ ଗଣନା ପାଇଁ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ଆନୁଷ୍ଠାନିକ ଭାବେ ଅନୁରୋଧ କରାଯାଇଛି। ପରିବେଶବିତଙ୍କ ମତରେ ଗଞ୍ଜାମରେ ଏକ ସ୍ୱତନ୍ତ୍ର 'ଜାତୀୟ ପକ୍ଷୀ ଅଭୟାରଣ୍ୟ' ପ୍ରତିଷ୍ଠା ହେଲେ ଏହା କେବଳ ସେମାନଙ୍କୁ ସୁରକ୍ଷିତ ପରିବେଶ ଯୋଗାଇବ ନାହିଁ ବରଂ ପରିବେଶର ସନ୍ତୁଳନ ମଧ ରକ୍ଷା କରିବ। ଏଥିସହ ପର୍ଯ୍ୟଟକଙ୍କ ଆଗମନ ବୃଦ୍ଧି ପାଇବା ସହ ରାଜସ୍ୱ ଆଦାୟର ନୂତନ ସୁଯୋଗ ସୃଷ୍ଟି ହେବ। ଯାହା ଓଡ଼ିଶାର ବନ୍ୟପ୍ରାଣୀ ମାନଚିତ୍ରରେ ଏକ ନୂତନ ଗୌରବ ଯୋଡ଼ିବ। ଜାତୀୟ ପକ୍ଷୀର ମର୍ଯ୍ୟାଦା ରକ୍ଷା ଏବଂ ସେମାନଙ୍କ ବଂଶ ବୃଦ୍ଧି ପାଇଁ ସରକାର ତୁରନ୍ତ ଏହି ଦିଗରେ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

## ଗାମୁଣ୍ଡି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଭଞ୍ଜନଗର,୨୪।୩(ବାବୁଲା ପ୍ରଧାନ)

ଭଞ୍ଜନଗର ବ୍ଲକ ଗାମୁଣ୍ଡି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ମାନେ ଯୋଗଦେଇ ଅଭିଭାବକ,ଶିକ୍ଷକ ମଧ୍ୟରେ ସମନ୍ୱୟ ରହିଲେ ଛାତ୍ରୀଛାତ୍ରଙ୍କ ବିକାଶ ହୋଇପାରିବ ବୋଲି କହିଥିଲେ। ଭଞ୍ଜନଗର ମ୍ୟୁନିସିପାଲିଟି ଅଧ୍ୟକ୍ଷ ଗୋପବନ୍ଧୁ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଏବିଡିଓ ପୂର୍ଣ୍ଣଚନ୍ଦ୍ର ପାଢ଼ୀ, ସୋରଡ଼ା ବିଇଓ ଦିଲ୍ଲୀପ କୁମାର ସ୍ୱାଇଁ, ସିଆରସିସି ଅନୁପମା ସାହୁ,ଏବିଇଓ ଗଜେନ୍ଦ୍ର ସେଠୀ, ପୂର୍ବତନ ସରପଞ୍ଚ ରାଜେନ୍ଦ୍ର ପ୍ରସାଦ ପ୍ରଧାନ, ସାମାଜିକ କର୍ମୀ ଭଞ୍ଜ ପ୍ରଧାନ, ସରପଞ୍ଚ ଉଦ୍ଧବ ମିଶ୍ର, ସରକାରୀ ଓକିଲ ସୁଧୀରକାନ୍ତ ଦାସ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୁଶାନ୍ତ ସ୍ୱାଇଁ, ନାଟ୍ୟ ନିର୍ଦ୍ଦେଶକ ଆଦିକନ୍ଦ ଗୌଡ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷକ ନିର୍ମଳ କୁମାର ସ୍ୱାଇଁ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ସଭାକୁ ସଂଯୋଜନା କରିଥିଲେ। ଅତିଥିମାନଙ୍କ ଦ୍ୱାରା କୃତୀ ଛାତ୍ରୀ ଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ପୁରାତନ ତଥା ୭ ଜଣ ଅଗ୍ରଣୀ ଚାଷୀ ଏବଂ ୫ ଜଣ ଯବାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

### ମହିଳାଙ୍କୁ ଘରୁ ଟାଣିନେଇ ନିସ୍ଠୁକ ମାଡ଼ ଅଭିଯୋଗ

## ୪ ଦିନ ପରେ ଗାଁକୁ ଗଲା ପୋଲିସ

ପାତ୍ରପୁର, ୨୪।୩
(ଉମା ଚରଣ ନେପାକ)

ଗଞ୍ଜାମ ଜିଲା ଜରଡା ଥାନା ଖାରିଆଗୁଡା ଫାଣ୍ଡି ଅଧୀନରେ ଆଇନ ଶୃଙ୍ଖଳା ବିଗିଡିବାରେ ଲାଗିଛି। ବିଭିନ୍ନ ଅପରାଧରେ ଜଡିତ ଅଭିଯୁକ୍ତମାନଙ୍କୁ ନ ଧରି ପୋଲିସ ନୀରବ ସାଜିଛି। ମୌଖିକ ହେଉ ଅବା ଲିଖିତ ଅଭିଯୋଗ ହେଲେ ମଧ ପୋଲିସ ଘଟଣା ସ୍ଥଳକୁ ବିଳମ୍ବରେ ଯାଇ ଉପରଠାଉରିଆ ଭାବେ ବୁଲି ଅସୁଛି। ୪ ଦିନ ତଳେ ଏହି ଫାଣ୍ଡି ଅନ୍ତର୍ଗତ ଏକ ଗ୍ରାମରେ ଜଣେ ମହିଳାଙ୍କୁ ମାଡ଼ ମରାଯାଇଥିବା ନେଇ ଅଭିଯୋଗ ହୋଇଥିଲେ ମଧ ପୋଲିସ ମଙ୍ଗଳବାର ଯାଇ ଗାଁରେ ବୁଲି ଆସିଛି। ରାଜନୈତିକ ଶତ୍ରୁତା ଓ ଟଙ୍କା କାରବାରକୁ ନେଇ ଏପରି ଘଟଣା ଘଟିଥିବା କୁହାଯାଉଛି। ଖବରରୁ ଜଣାପଡିଛି, ଏହି ଫାଣ୍ଡି ଅଧୀନ ଜଗନ୍ନାଥପୁର ଗ୍ରାମର ବାଳକୃଷ୍ଣ ଗୌଡଙ୍କ ସ୍ତ୍ରୀ ବିଷ୍ଣୁପ୍ରିୟାଙ୍କୁ ଟଙ୍କା କାରବାର ଓ ରାଜନୈତିକ ଶତତାକୁ ନେଇ ଗତ ଶନିବାର ଅପରାହ୍ନ ୪ଟାରେ ତାଙ୍କର ଘରର ଦୁଇପାର୍ଶ୍ୱ ପଡୋଶୀ ଘରୁ ଘୋଷାରି ଆଣି ନିସ୍ଠୁକ ମାଡ଼ ମାରିଥିଲେ। ଏହାର ଭିଡିଓ ଭାଇରାଲ ହୋଇଛି। ଗୁରୁତର ବିଷ୍ଣୁପ୍ରିୟାଙ୍କୁ ଆତ୍ମୀୟମାନେ ଉଦ୍ଧାର କରି ପ୍ରଥମେ ପାତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ତାଙ୍କୁ ବ୍ରହ୍ମପୁର ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଏନେଇ ଖାରିଆଗୁଡା ଫାଣ୍ଡିରେ ଅଭିଯୋଗ ହୋଇଛି। ମାତ୍ର ପୋଲିସ କୌଣସି ପଦକ୍ଷେପ ଗ୍ରହଣ ନ କରି ନୀରବ ରହିଛି । ଏନେଇ ଫାଣ୍ଡି ଅଧିକାରୀ ସମୀର ଜୟସିଂଙ୍କ ପଚାରିବାରୁ ସେ କହିଲେ, ଘଟଣା ସମ୍ପର୍କରେ ଲିଖିତ ଅଭିଯୋଗ ହୋଇନାହିଁ। କେବଳ ମୌଖିକ ଭାବେ କହିଛନ୍ତି। ଆମେ ସମ୍ପୃକ୍ତ ଗାଁକୁ ଯାଇ ପଚରାଉଚରା କରି ଫେରିଛୁ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ଗତ ୪ଦିନ ତଳେ ଏହି ଫାଣ୍ଡି ଅଞ୍ଚଳରେ ଷୋଳଭାଗପେଣ୍ଠ ଗ୍ରାମର ଜଣେ ଯୁବତୀଙ୍କୁ କୌଣସି ଦୁର୍ବୃତ୍ତ ଆକ୍ରମଣ କରିଛନ୍ତି। ଫଳରେ ସେ ଏବେ ବ୍ରହ୍ମପୁରରେ ଚିକିତ୍ସାଧୀନ ଅଛନ୍ତି।

# ଗଞ୍ଜାମ ପୋଲିସ ପକ୍ଷରୁ ସମରାଭ୍ୟାସ




ଛତ୍ରପୁର,୨୪।୩(ଦିଲୀପ ସାମଲ)

ସମୁଦ୍ର ପଥରେ ସମ୍ଭାବ୍ୟ ଆତଙ୍କବାଦୀ ଅନୁପ୍ରବେଶ ଏବଂ ସାମୁଦ୍ରିକ ସୁରକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ପାଇଁ ମଙ୍ଗଳବାରଠାରୁ ଗଞ୍ଜାମ ଉପକୂଳରେ ମିଳିତ ସମରାଭ୍ୟାସ 'ସାଗର କବଚ' ଆରମ୍ଭ ହୋଇଛି । ଗଞ୍ଜାମ ପୋଲିସ ଜିଲା ପକ୍ଷରୁ ସମୁଦ୍ର ନିକଟ ଆର୍ଯ୍ୟପଲ୍ଲୀ, ଗଞ୍ଜାମ, ଛତ୍ରପୁର, ରମ୍ଭା, ଚମାଖଣ୍ଡି ଥାନା ପକ୍ଷରୁ ଏହି ସମରାଭ୍ୟାସ କରାଯାଉଛି । ଜଳପଥ ହେଉ କିମ୍ବା ସ୍ଥଳପଥ ଶତ୍ରୁପକ୍ଷକୁ କଡା ଜବାବ ଦିଆଯିବ । ଗଞ୍ଜାମ ପୋଲିସ ଜିଲା ପକ୍ଷରୁ ଆର୍ଯ୍ୟପଲ୍ଲୀ ସାମୁଦ୍ରିକ ଥାନା ଅଧୀନରେ ପ୍ରୟାଗି ଠାରୁ ହରିପୁର ୪୦ କିମି ପର୍ଯ୍ୟନ୍ତ ଶତ୍ରୁପକ୍ଷ ଯେଭଳି ପ୍ରବେଶ କରିପାରିବେ ନାହିଁ କଡାକଡ଼ି ଯାଞ୍ଚ ସହ ବ୍ଲୁ ଟିମ ଓ ରେଡ ଟିମ ଗଠନ ହୋଇଛି । ବ୍ଲୁ ଟିମ ଜଳପଥରେ ପାଟ୍ରୋଲିଂ କରିବା ବେଳେ ୨ଟି ବୋଟ ଯୋଗେ ୪ଜଣ ଡମି ଆତଙ୍କବାଦୀ ଜଳପଥରେ ଯାଉଥିବା ବେଳେ ସେମାନଙ୍କୁ ଗଞ୍ଜାମ ନିକଟରେ ଧରାଯାଇଛି। ତାଙ୍କ ନିକଟରୁ ଡମି ୮ଟି ବମ୍, ପରିଚୟ ପତ୍ର ଜବତ କରାଯାଇଛି। ଏହା ଏକ ଡେମୋ ବୋଲି ପୋଲିସ ପକ୍ଷରୁ କୁହାଯାଇଛି । ସାଗର କବଚ କାର୍ଯ୍ୟକ୍ରମ ବୁଧବାର ଶେଷ ହେବ ବୋଲି ସାମୁଦ୍ରିକ ଥାନା ଅଧିକାରୀ ବିଦ୍ୟାଭାରତୀ ନାୟକ କହିଥିଲେ। କାର୍ଯ୍ୟକ୍ରମରେ ଛତ୍ରପୁର ଏସଡିପିଓ ଚନ୍ଦନ କୁମାର ଘଡାଇ ଉପସ୍ଥିତ ରହିଥିଲେ । ସୂଚନାଯୋଗ୍ୟ, ୨୬/୧୧ ମୁମ୍ବାଇ ଆକ୍ରମଣ ବେଳେ ଆତଙ୍କବାଦୀ ଜଳପଥରେ ଆସିଥିଲେ। ସେମାନଙ୍କ ଆକ୍ରମଣରେ ବହୁ ଲୋକ ମୃତାହତ ହୋଇଥିଲେ । ଏହା ପରଠୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରତ୍ୟେକ ବର୍ଷ ୨ ଥର ସମରାଭ୍ୟାସ କରାଯାଉଛି ।

### ଗାୟଗଣ୍ଡାରୁ ପୁରୀ ଗଲା ରଥକାଠ

ଭଞ୍ଜନଗର,୨୪।୩(ବାବୁଲା ପ୍ରଧାନ): ପୁରୀରେ ମହାପ୍ରଭୁଙ୍କ ରଥ ନିର୍ମାଣ ପାଇଁ ଚଳିତବର୍ଷ ଗଞ୍ଜାମ ଜିଲା ଭଞ୍ଜନଗର ଘୁମୁସର ଉତ୍ତର ବନଖଣ୍ଡ ଓ ଦକ୍ଷିଣ ବନଖଣ୍ଡରୁ ୨୦୪ ଖଣ୍ଡ କାଠ ଯିବ। ଇତିମଧରେ ବୁଗୁଡ଼ା ଓ ତାରସିଂ ରେଞ୍ଜରୁ ପ୍ରଥମ ପର୍ଯ୍ୟାୟ କାଠ ପୁରୀ ପଠାଯାଇଥିବା ବେଳେ ବୁଧବାର କେନ୍ଦ୍ରୀୟ ବନାଞ୍ଚଳରୁ ଆଉ କିଛି କାଠ ଯିବ। ଏଥିସହ ମୁଜାଗଡ ସମେତ ଅନ୍ୟାନ୍ୟ ରେଞ୍ଜରୁ ମଧ କାଠ ଯିବ। ଗତ କିଛିବର୍ଷ ହେବ ଏହି ବନଖଣ୍ଡରୁ ପୁରୀ ରଥଯାତ୍ରା ପାଇଁ ରଥ ନିର୍ମାଣ ଲାଗି କାଠ ଯାଉଛି। ସୋମବାର ସନ୍ଧ୍ୟାରେ ୨୦ଖଣ୍ଡ କାଠ ପୁରୀ ପଠାଯାଇଛି। ଡିଏଫଓ ହିମାଂଶୁ ଶେଖର ମିଶ୍ର ପୂଜାର୍ଚ୍ଚନା କରିବା ପରେ ରଥ କାଠ ଗାଡ଼ି ଆଗକୁ ବଢ଼ିଥିଲା। ଏହି ସମୟରେ ରାସ୍ତାରେ ଉଭୟ ପାର୍ଶ୍ୱରେ ଲୋକେ କାଠଗାଡ଼ିକୁ ପୂଜାର୍ଚ୍ଚନା କରିଥିଲେ। ଏସିଏଫ ବିବେକ ଦାସ, ବିମଳ ପ୍ରସାଦ ପ୍ରଧାନ, ରେଞ୍ଜର ବିମ୍ବାଧର ସାହୁ ଉପସ୍ଥିତ ଥିଲେ।

### ଭାଜପାର ପ୍ରଶିକ୍ଷଣ ଶିବିର

ଆସିକା,୨୪।୩(ସୁରେନ୍ଦ୍ର ନାଥ ସାହୁ): ଆସିକା କାଳିମୁଖୀ ମନ୍ଦିର ପ୍ରାଙ୍ଗଣର ମଙ୍ଗଳବାର ସନ୍ଧ୍ୟାରେ ଭାଜପା ପକ୍ଷରୁ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ବିଧାୟକଙ୍କ ପ୍ରତିନିଧି ସଙ୍ଗୀତ ପାଢୀ, ଆତ୍ମା ଅଧକ୍ଷ ବିଜୟ ସ୍ୱାଇଁ, ଆସିକା ନଗର ମଣ୍ଡଳ ସଭାପତି ଭିକି ପାତ୍ର, ଆସିକା ପ୍ରଭାରୀ ହୃଷିକେଶ ସାହୁ, ମହିଳା ନେତ୍ରୀ ମିରାବାଈ ରାଓ ପ୍ରମୁଖ ମଞ୍ଚାସୀନ ଥିଲେ । ଏହି ଅବସରରେ ପଣ୍ଡିତ ଦୀନଦୟାଲ ଉପାଧାୟ ତାଲିମ ମହାଭିଦାନ କାର୍ଯ୍ୟକ୍ରମରେ ଦଳର ସଦସ୍ୟଙ୍କୁ ଶିକ୍ଷିତ କରିବା, ସଂଗଠନ ଓ ଦଳିୟ ଚିନ୍ତାଧାରାକୁ ସୁଦୃଢ଼ କରିବା ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା ।

# ଆରୋପ ପ୍ରତ୍ୟାରୋପ ଯୋଗୁ ଆଗଉନି କାମ

## ବିପଦ ସଙ୍କୁଳ ଅବସ୍ଥାରେ ବିଦ୍ୟୁତ୍ ଲାଇନ



ଖଜୁରିପଡ଼ା,୨୪।୩ (ବିଦୁର ବେହେରା)

ଖଜୁରିପଡ଼ା ବ୍ଲକ୍ ବାରପୁଲିଆଠାରୁ ପିଲାସାଲୁଙ୍କି ଡ୍ୟାମ୍ ପର୍ଯ୍ୟନ୍ତ ଚାଲିଥିବା ୩୩ କେଭି ବିଦ୍ୟୁତ୍ ସଂଯୋଗିକରଣ କାମ ଏବେ ସ୍ଥାନୀୟ ବାସିନ୍ଦାଙ୍କ ପାଇଁ ବିପଦର କାରଣ ସାଜିଛି। ଆରଡି ରାସ୍ତାର ଶୋଲ୍ଡର୍ ଉପରେ ବିଦ୍ୟୁତ୍ ଖୁଣ୍ଟ ପୋତାଯାଇଥିବାରୁ ଲୋକମାନେ ଭୟଭିତ ହୋଇ ରହିଛନ୍ତି। ବିଶେଷ କରି ଆଶ୍ରମ ସ୍କୁଲ ନିକଟ ଦେଇ ଏହି ଉଚ୍ଚ ଶକ୍ତିସମ୍ପନ୍ନ ତାର ଯାଇଥିବାରୁ ଛୋଟ ପିଲାଙ୍କ ସୁରକ୍ଷାକୁ ନେଇ ସମସ୍ତେ ଚିନ୍ତା ପ୍ରକଟ କରିଛନ୍ତି। ରାସ୍ତା ଉପରୁ ଏହି ବିଦ୍ୟୁତ୍ ଖୁଣ୍ଟକୁ ସ୍ଥାନାନ୍ତର ପାଇଁ ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ମଧ୍ୟରେ ଅରୋପ ପ୍ରତ୍ୟାରୋପ ଲାଗି ରହିଛି। ଫଳରେ ଏହି କାର୍ଯ୍ୟ ଆଗକୁ ଯାଇ ପାରୁନାହିଁ। ଏନେଇ ଠିକାଦାର ଦିଲୀପ ସ୍ୱାଇଁ କହିଛନ୍ତି ଯେ, ବିଦ୍ୟୁତ୍ ବିଭାଗର ଯନ୍ତ୍ରୀଙ୍କ ଅନୁମତିକ୍ରମେ ସେ କାମ କରୁଛନ୍ତି। ବିଦ୍ୟୁତ୍ ବିଭାଗର ଯନ୍ତ୍ରୀ ବିଚିତ୍ର ବିଷୋୟୀ କହିଛନ୍ତି, ଲୋକଙ୍କ ସୁରକ୍ଷା ଦୃଷ୍ଟିରୁ ବିଭାଗୀୟ ଉପସ୍ଥିତିରେ କାମ ହେବା କଥା। କିନ୍ତୁ ଠିକାଦାର ମନୋମୁଖୀ କାର୍ଯ୍ୟ କରିଛନ୍ତି। ଆର୍‌ଡି ବିଭାଗୀୟ ଯନ୍ତ୍ରୀ ଦୁର୍ଗା ପ୍ରସାଦ ସିଂହ କରିଛନ୍ତି, ରାସ୍ତା ଶୋଲ୍ଡର୍ ଉପରେ ଖୁଣ୍ଟ ପୋତିବା ସମ୍ପୂର୍ଣ୍ଣ ବେଆଇନ। ରାସ୍ତା ନିକଟରେ ଉଚ୍ଚ ଶକ୍ତି ବିଦ୍ୟୁତ୍ ସଂଯୋଗରେ ଯାତ୍ରୀଙ୍କ ଜୀବନ ପ୍ରତି ବିପଦ ରହୁଛି। ସେଥିପାଇଁ ଖୁଣ୍ଟ ଘୁଞ୍ଚାଇବାକୁ ନିର୍ଦ୍ଦେଶ ଦେଇଛି। ଯଦି କୌଣସି ଅଘଟଣ ଘଟେ ତେବେ ବିଦ୍ୟୁତ୍ ବିଭାଗ ହିଁ ସମ୍ପୂର୍ଣ୍ଣ ଦାୟୀ ରହିବ।

### କଲେଜ ଛାତ୍ରୀଙ୍କୁ ଅପହରଣ ଅଭିଯୋଗ

## ଥାନାରେ ଜଣାଇଲେ ଝିଅକୁ ହତ୍ୟା କରିବି

ଦିଗପହଣ୍ଡି,୨୪।୩(ଅଶେଷ ନାଥ ମିଶ୍ର)– ଦିଗପହଣ୍ଡି ବ୍ଲକ ଅଧୀନ ଏକ ଗାଁର ଜଣେ ଯୁକ୍ତ ୨ ପଢୁଥିବା ଛାତ୍ରୀ (୧୭) ଙ୍କୁ ଅପହରଣ କରାଯାଇଥିବା ଅଭିଯୋଗ ହୋଇଛି। ଏନେଇ ଥାନାରେ ଅଭିଯୋଗ ପରେ ପୋଲିସ ବିଭିନ୍ନ ସ୍ଥାନରେ ଚଢାଉ କରିଛି। ଗତ ୧୭ରେ ଛାତ୍ରୀ ଜଣକ ଘରୁ କଲେଜ ଯାଇ ଘରକୁ ଫେରି ନ ଥିଲେ। ପରିବାର ଲୋକେ ତାଙ୍କୁ ବିଭିନ୍ନ ସ୍ଥାନରେ ଖୋଜି ପାଇ ନ ଥିଲେ। ଘଟଣାର ୪ଦିନ ପରେ ସାନଖେମୁଣ୍ଡି ବ୍ଲକ ପାଟପୁର ଥାନା ସାହାସପୁର ଗ୍ରାମର ଇ. ଚେରୁ ଛାତ୍ରୀଙ୍କ ବାପାଙ୍କୁ ଫୋନ କରି ମୁଁ ତୁମ ଝିଅକୁ ନେଇ ଆସିଛି। ତୁମେ ଥାନାରେ ରିପୋର୍ଟ କଲେ ତୁମ ଝିଅକୁ ହତ୍ୟା କରିବି ବୋଲି ଧମକ ଦେଇଥିଲେ। ଛାତ୍ରୀଙ୍କ ବାପା ଦିଗପହଣ୍ଡି ଥାନାରେ ଏନେଇ ଏତଲା ଦେଇଥିଲେ। ଏହାକୁ ଭିତ୍ତିକରି ଆଇଆଇସି କିଶୋର ସାମଲ ନଂ.୧୨୫/୨୬ରେ ଏକ ମାମଲା ରୁଜୁ କରି ଏସ୍ଆଇ ରାଜ କିଶୋର ପାତ୍ରଙ୍କୁ ଘଟଣାର ତଦନ୍ତ ଦାୟିତ୍ୱ ଦେଇଛନ୍ତି।

## ରାଇକିଆ ପୂର୍ବ ସୈନିକ ସଂଘର ପରାମର୍ଶ, ମତାମତ ବୈଠକ



ରାଇକିଆ, ୨୪।୩ (ପ୍ରଦୀପ ବେହେରା)

ରାଇକିଆ ପୂର୍ବ ସୈନିକ ସଂଘର ପରାମର୍ଶ ଓ ମତାମତ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ସଙ୍ଘ ସଭାପତି ଲଳିତ ପ୍ରଧାନ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆମ୍ବେଦକର ବିଚାର ମଞ୍ଚ ରାଇକିଆ ସଭାପତି ଲକ୍ଷଣ ପ୍ରଧାନ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ଯେଉଁ ଯୁବପିଢ଼ିମାନେ ଶିକ୍ଷା ତ୍ୟାଗ କରି ନିଶା ସେବନ କରି ନିଜ ଭବିଷ୍ୟତ ନଷ୍ଟ କରୁଛନ୍ତି ସେମାଙ୍କୁ ସଚେତନ କିପରି କରାଯିବ ଏବଂ ସୈନ୍ୟବାହିନୀ କିମ୍ବା ପୋଲିସରେ ଯୋଗଦେଇ ଦେଶ ସେବା କରିବାକୁ ଶାରୀରିକ ପ୍ରଶିକ୍ଷଣ ଦେବା ପାଇଁ ମତ ପ୍ରକାଶ ପାଇଛି। ଏଥିସହ ଗୋଟିଏ ଟ୍ରେନିଂ ଗ୍ରାଉଣ୍ଡ କିପରି ସରକାରଙ୍କ ଠାରୁ ପାଇ ପାରିବା ସେହି ବିଷୟରେ ଆଲୋଚନା ହୋଇଥିଲା। ଏନେଇ କନ୍ଧମାଳ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ ପାଇଁ ସହମତି ପ୍ରକାଶ ପାଇଛି। ରାଇକିଆର ବ୍ଲକ୍ର ସମସ୍ତ ସରପଞ୍ଚ, ସମିତି ସଭ୍ୟ, ସାମାଜିକ କର୍ମୀ ଏବଂ ଅନେକ ବୁଦ୍ଧିଜୀବୀ, ସଙ୍ଘ ସଦସ୍ୟ ଉପସ୍ଥିତି ଥିଲେ। ସଙ୍ଘ ସମ୍ପାଦକ ରବୀନ୍ଦ୍ର ପ୍ରଧାନ ବୈଠକ ପରିଚାଳନା କରିଥିଲେ। ଶେଷରେ ଉପସଭାପତି ଦାମୋଦର ପ୍ରଧାନ ଉପସ୍ଥିତ ଅଥିତିମାନଙ୍କୁ ଧନ୍ୟବାଦ ଦେଇଥିଲେ।

# ବିଶ୍ୱ ଜଳଦିବସ ଅବସରରେ ସଚେତନତା କାର୍ଯ୍ୟକ୍ରମ

ପାରଳାଖେମୁଣ୍ଡି,
୨୪।୩ (ଗିରିଧାରୀ ପରିଛା)

ବିଶ୍ୱ ଜଳ ଦିବସ ପାଳନ ଅବସରରେ ମଙ୍ଗଳବାର ପାରଳାଖେମୁଣ୍ଡିସ୍ଥିତ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ହୋଇଛି। ସିଭିଲ କୋର୍ଟ ରେଜିଷ୍ଟ୍ରାର ପ୍ରସନ୍ନ ବେହେରା, ସମାଜିକ କର୍ମୀ ମନୋଜ ଦାଶ, ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଡ.ମହେନ୍ଦ୍ର ରଇତ ପ୍ରମୁଖ ଅତିଥି ରୂପେ ଯୋଗଦେଇ ଜଳ ସଂରକ୍ଷଣ, ଜଳ ସଂରକ୍ଷଣର ଆବଶ୍ୟକତା ଏବଂ ଦୈନିକ ଜୀବନରେ ଜଳର ଠିକ୍ ବ୍ୟବହାର କରିବା ପାଇଁ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ।

## ଶୋକସନ୍ତପ୍ତ ପରିବାରଙ୍କୁ ସହାୟତା ପ୍ରଦାନ କଲେ ବିଧାୟକ

ଗଞ୍ଜାମ,୨୪।୩ (ଅନାଥ ତରାଇ)

ନିକଟରେ ବିଭିନ୍ନ ଅଘଟଣରେ ଜୀବନ ଯାଇଥିବା ୩ ଶୋକସନ୍ତପ୍ତ ପରିବାର ଲୋକଙ୍କୁ ଭେଟି ବିଧାୟକ କୃଷ୍ଣଚନ୍ଦ୍ର ନାୟକ ସମବେଦନା ଜଣାଇବା ସହ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଗଞ୍ଜାମ ତହସିଲଦାର ସୁକାନ୍ତ ମିଶ୍ରଙ୍କ ଉପସ୍ଥିତିରେ ବିଧାୟକ ପ୍ରଥମେ ଗଞ୍ଜାମ ବ୍ଲକ୍ ପୋଇରଣି ପଞ୍ଚାୟତ ବି.କାଇଞ୍ଚପୁର ଗ୍ରାମର ଗୌରହରୀ ନାୟକଙ୍କ ପରିବାରକୁ ଭେଟିଥିଲେ। କିଛି ଦିନ ତଳେ ଏକ ଦୁର୍ଘଟଣାରେ ପ୍ରାଣ ହରାଇଥିବା ତାଙ୍କ ପୁଅ ଦୀପକ ନାୟକଙ୍କ ବିୟୋଗରେ ଶୋକ ପ୍ରକାଶ କରିବା ସହ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ମଞ୍ଜୁର ହୋଇଥିବା ୪ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ପରିବାରକୁ ପ୍ରଦାନ କରିଥିଲେ। ସେହିପରି ସନ୍ତୋଷପୁର ପଞ୍ଚାୟତ କାର୍ତ୍ତିକଡିଅ ଗ୍ରାମର ଡି.ଭୀମ ରେଡ୍ଡୀ ଅସୁସ୍ଥ ହୋଇ ମୃତ୍ୟୁବରଣ କରିଥିବା ବେଳେ ପାଳିବନ୍ଧ ପଞ୍ଚାୟତ କଣ୍ଟିଆଗଡ଼ ଗ୍ରାମର ରମେଶ ପ୍ରଧାନଙ୍କ କିଡନୀ ଜନିତ ରୋଗରେ ମୃତ୍ୟୁ ହୋଇଥିଲା। ଉଭୟ ପରିବାରକୁ ବିଧାୟକ ସେମାନଙ୍କ ଗ୍ରାମରେ ଭେଟି ସମବେଦନା ଜଣାଇଥିଲେ। ରେଡକ୍ରସ ଓ ନିଜସ୍ୱ ପାଣ୍ଠିରୁ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି।




### ଗ୍ରାମ ବିକାଶ ପଞ୍ଚାୟତସ୍ତରୀୟ ସମନ୍ୱୟ ମେଳା

ନୂଆଗଡ଼,୨୪।୩ (ଯୋଗ୍ୟବନ୍ତ ପରିଚ୍ଛା)

ଗଜପତି ଜିଲା ନୂଆଗଡ ବ୍ଲକ ଅନ୍ତର୍ଗତ ବାବାସାହେବ ଆମ୍ବେଡକର କଲେଜ ପଡିଆ ଠାରେ ଗ୍ରାମ ବିକାଶ ଗ୍ରାମ ପଞ୍ଚାୟତସ୍ତରୀୟ ସମନ୍ୱୟ ମେଳା ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବିଡିଓ ଲୋକନାଥ ଶବର ଯୋଗଦେଇ ମେଳା ଉଦ୍‌ଘାଟନ କରିଥିଲେ। ଜିଲା କୋର୍ଡିନେଟର ଗୌରୀ ଶଙ୍କର ନାୟକ, ଟିସି ସନ୍ତୋଷ ପଢୀ ଅତିଥି ଭାବେ ଯୋଗ ଦେଇଥିଲେ। ନୂଆଗଡ ବ୍ଲକର ୧୭ଟି ଗ୍ରାମର ଜନସାଧାରଣ ନଳକୂପ ସମସ୍ୟା, କୂପ ସମସ୍ୟା, ପ୍ରଟେକ୍ସନ ୱାଲ, ଜଙ୍ଗଲ ଜମି ସମସ୍ୟା, ପିଚୁ ରୋଡ଼ ସମସ୍ୟା, ଚାଷ ଜମିରେ ଜଳ ସମସ୍ୟା ସହ ବିଭିନ୍ନ ସମସ୍ୟା ନେଇ ଏଠାକୁ ଆସିଥିଲେ। ବିଡିଓ ଶବର ଲୋକଙ୍କ ସମସ୍ୟା ସମ୍ବଳିତ ଦରଖାସ୍ତଗୁଡିକ ଗ୍ରହଣ କରିଥିଲେ। ପ୍ରତେକ ସମସ୍ୟା ସମାଧାନ ପାଇଁ ସେ ପ୍ରତିଶ୍ରୁତି ଦେଇଥିଲେ। ଜିପିଓ ନୃସିଂହ ମିଶ୍ର ଧନ୍ୟବାଦ ଦେଇଥିଲେ।

# କବିସୂର୍ଯ୍ୟ ବଳଦେବଙ୍କ ଜନ୍ମ, କର୍ମସ୍ଥଳ ଆଠଗଡ଼

## କବିସୂର୍ଯ୍ୟ ଆଲୋଚନା ଚକ୍ର,କବିତା ପାଠୋତ୍ସବ



କବିସୂର୍ଯ୍ୟନଗର,
୨୪।୩(କୃପାସିନ୍ଧୁ ସ୍ୱାଇଁ)

ଓଡିଶା ସାହିତ୍ୟ ଏକାଡେମୀ ଓ ସ୍ଥାନୀୟ କବିସୂର୍ଯ୍ୟ ସ୍ମୃତି ସଂସଦଙ୍କ ମିଳିତ ଆନୁକୂଲ୍ୟରେ କବିସୂର୍ଯ୍ୟ ବଳଦେବ ରଥଙ୍କ କୃତି ଓ କୃତିତ୍ୱକୁ ନେଇ ମଙ୍ଗଳବାର ଗୌଡ଼ଡିପ ଖଣ୍ଡାୟତ କୋଠଘରେ ଏକଦିବସୀୟ ଆଲୋଚନାଚକ୍ର ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଛି। ସ୍ମୃତି ସଂସଦ ସଭାପତି ପ୍ରଫେସର କୈଳାସ ନାଥ ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ରୂପେ ସାହିତ୍ୟିକ ଡକ୍ଟର ରଣଜିତ ପରିଡା, ମୁଖ୍ୟବକ୍ତା ସଂସ୍କୃତି ଗବେଷକ ଡକ୍ଟର ବାୟାମନୁ ଚର୍ଚ୍ଚି, ସମ୍ମାନିତ ବକ୍ତା ସଚ୍ଚିଦାନନ୍ଦ ବେହେରା, ସମ୍ମାନିତ ଅତିଥି ରୂପେ ଓଡିଶା ସାହିତ୍ୟ ଏକାଡେମୀ ସହ ସଚିବ ସଞ୍ଜୟ ଛୁଆଳସିଂହ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର ବୋବି ତା ସାରାଂଥେମ ଓ ସାମାଜିକ କର୍ମୀ ଇ. ମାହେଶ୍ୱରୀ ଦୋରା ଉପସ୍ଥିତ ଥିଲେ। 'ଓଡିଆ ଭାଷା ସାହିତ୍ୟର ଶ୍ରୀବୃଦ୍ଧି ସାଧନରେ କବିସୂର୍ଯ୍ୟ ବଳଦେବ ରଥଙ୍କ ଭୂମିକା' ଶୀର୍ଷକ ଆଲୋଚନାଚକ୍ରରେ ଯୁଗଜନ୍ମା କବିସୂର୍ଯ୍ୟ ବଳଦେବ ରଥଙ୍କ ଜନ୍ମଭୂମି, କର୍ମଭୂମି କବିସୂର୍ଯ୍ୟନଗର ଆଠଗଡ଼ପାଟଣା ବୋଲି ଅତିଥିମାନେ ତଥ୍ୟ ପ୍ରମାଣ ସହ ଉପସ୍ଥାପନା କରି ପ୍ରକାଶ କରିଥିଲେ। ଏହି ଅବସରରେ ପ୍ରଫେସର କୈଳାସ ନାଥ ସ୍ୱାଇଁ ଓ ବୃନ୍ଦାବନ ନାୟକଙ୍କ ପୁସ୍ତକ ଉନ୍ମୋଚନ ହୋଇଥିଲା। ଇଂ. ସଦାଶିବ ନାୟକ ସଂଯୋଜନା କରିଥିଲେ। ଦ୍ୱିତୀୟ ଅଧିବେଶନ କବିତା ପାଠୋତ୍ସବର ସଭାମୁଖ୍ୟ ସଂସଦ ସମ୍ପାଦକ ପଞ୍ଚାନନ ନାୟକ ଥିଲେ। ଅତିଥି ଭାବେ ହରେକୃଷ୍ଣ ନାୟକ, ଶ୍ୟାମପ୍ରସାଦ ମିଶ୍ର, ସୁଜିତ ପଣ୍ଡା, ଐତିହାସିକ ବୃନ୍ଦାବନ ନାୟକ ଓ ସୁରେନ୍ଦ୍ର ନାଥ ନାୟକ ଯୋଗ ଦେଇଥିଲେ। କବିତା ଆବୃତ୍ତି ସହ କବିସୂର୍ଯ୍ୟଙ୍କ ଜୀବନ ଚର୍ଚ୍ଚା ହୋଇଥିଲା। ଏହି ଅବସରରେ ଡାକ୍ତର ଆଶୁତୋଷ ସାହୁଙ୍କୁ ଅତିଥି ମାନେ ସମ୍ବର୍ଦ୍ଧିତ କରିଥିଲେ।

